# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28th June - 2025

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଅର୍ପଣ କରୁଛନ୍ତି ଭକ୍ତି ନୈବେଦ୍ୟ ।

— ଆସନ୍ତାକାଲି ଆଡ଼ପ ମଣ୍ଡପକୁ ବିଜେ କରିବେ ମହାପ୍ରଭୁ ।

- ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ଦୁର୍ନୀତିକୁ ରୋକିବାରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସମନ୍ୱୟ ରକ୍ଷା ଓ ନିଶା କାରବାର ନିୟନ୍ତ୍ରଣ ଦିଗରେ ମିଳିତ ପଦକ୍ଷେପ ନେବାଲାଗି ଏସ୍.ଆଇ.ଟି. ଉପାଧ୍ୟକ୍ଷଙ୍କ ପରାମର୍ଶ ।

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲାଗି ରହିବ ବର୍ଷା ।

# ପୁରୀ - ରଥଯାତ୍ରା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ଜୟ ଜଗନ୍ନାଥ ଧ୍ୱନିରେ ଚର୍ତୁଦିଗ ପ୍ରକମ୍ପିତ ହୋଇଉଠୁଛି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନରେ ଶ୍ରୀକ୍ଷେତ୍ରରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଆଜି ସକାଳ ସାଢ଼େ ୯ଟାରେ ବଡ଼ଦାଣ୍ଡରେ ଅଟକି ରହିଥିବା ତିନି ରଥକୁ ଟଣାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଧୂପଦୀପ ଦେଇ ଦର୍ଶନ କରୁଛନ୍ତି ।

ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଡାହୁକ ଡାକରେ ବଳଗଣ୍ଡି ଛକରୁ ଓ ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକରୁ ଯାତ୍ରା ଆରମ୍ଭ କରି ଗୁଣ୍ଡିଚା ମନ୍ଦିରରେ ଅପରାହ୍ଣ ସାଢ଼େ ଗୋଟାଏ ସମୟରେ ପହଁଞ୍ଚିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପ୍ରାୟ ୨ଟା ସମୟରେ ପହଞ୍ଚିଥିଲା । ବଡ଼ଦାଣ୍ଡରେ ପରମ୍ପରା ଅନୁସାରେ ଆଜି ସକାଳେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କ ମଙ୍ଗଳ ଆଳତି ନୀତି କରାଯାଇଥିଲା। ପରେ ରଥ ଉପରେ ଅବକାଶ ପୂଜା କରାଯିବା ସହ ରଥଟାଣ ଆରମ୍ଭ ହୋଇଥିଲା। ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ ନୀତି ଅନୁଷ୍ଠିତ ହେବ। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ କୃତାର୍ଥ ମନେ କରୁଛନ୍ତି। ଶରଧା ବାଲିରେ

ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖି ଭକ୍ତି, ପ୍ରୀତି ଓ ମୋକ୍ଷ ନେଇ ଶ୍ରଦ୍ଧାଳୁ ବିଭୋର ହୋଇ ପଡ଼ିଛନ୍ତି।

***Boudh/R***

## ପାତାଳୀ - ରଥଯାତ୍ରା

ବୌଦ୍ଧଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ରଠାରେ ଆଷାଢ଼ ଶୁକ୍ଳ ତୃତୀୟା ତିଥିରେ ଶ୍ରୀଜଗନ୍ନାଥଙ୍କ ବାସୀ ରଥଯାତ୍ରା ଆଜି ଅନୁଷ୍ଠିତ ହେଉଛି । ରାଜରାଜୁଡ଼ା ଅମଳରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ତୃତୀୟା ତିଥିରେ ରଥଯାତ୍ରାର ଆୟୋଜନ କରାଯାଇଥାଏ । ବୌଦ୍ଧ ସହରର ବୁଟୁପାଲି, ନାଏକପଡ଼ା ଗୁମ୍ଫା, ନାରାୟଣ ନଗର, ବାଉଁଶୀଗଡ଼, ସାହାଜପାଲ ଆଦି ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ରଥଯାତ୍ରା ଚାଲିଛି । ତିନିଠାକୁର ରଥାରୂଢ଼ ହେବାପରେ ଛୋଟ ଛୋଟ ପିଲାଙ୍କୁ ରଥଛୁଆଁ ଯାଇଥିଲା । ସନ୍ଧ୍ୟା ୬ଟା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***BBSR/R***

## ରଥଯାତ୍ରା - ସ୍ୱାସ୍ଥ୍ୟସେବା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ସାମୂହିକ ପ୍ରଚେଷ୍ଟା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱାସ୍ଥ୍ୟଜନିତ ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ କରିଛି । ଏଥିଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ ପୁରୀଠାରେ

ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଚଳିତ ରଥଯାତ୍ରା ଅବସରରେ ସମନ୍ୱିତ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି । ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ସୁନିଶ୍ଚିତ କରିବାପାଇଁ ବିଭିନ୍ନ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି । ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟ ପ୍ରଥମ ଥରପାଇଁ ଏମ୍ସ୍, ଭୁବନେଶ୍ୱର ପକ୍ଷରୁ ଚିକିତ୍ସାକେନ୍ଦ୍ରରେ ସ୍ୱତନ୍ତ୍ର ଡାକ୍ତରୀଦଳ ନିୟୋଜିତ ହୋଇଛନ୍ତି । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ।

***Desk***

## ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ପୁଣି ଥରେ ଆରମ୍ଭ ହୋଇଛି । ଆଠଦିନ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । ମରାମତି ସମୟରେ ପ୍ରାୟ ୯୦ଟି ପଥର ବଦଳାଯାଇ ନୂଆ ପଥର ଖଞ୍ଜାଯିବ । ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ପୂର୍ବରୁ  ମରାମତି କାର୍ଯ୍ୟ ଶେଷ କରିବା ଲାଗି ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଦଳ ଦୈନିକ ୨ଟି ପର୍ଯ୍ୟାୟରେ କାର୍ଯ୍ୟ କରିବେ ।

ଅନ୍ୟପକ୍ଷରେ ବାହାର ରତ୍ନଭଣ୍ଡାର କବାଟକୁ ବର୍ମାଟିକ୍ କାଠ ବ୍ୟବହାର କରି ସୁନା ଛାଉଣି କରିବାକୁ ଯୋଜନା କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୩ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନରେ ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

*GNR*

# ଶୁଭାଂଶୁ ଶୁକ୍ଲା

ଏକ୍ସିଓମ୍-ଫୋର୍ ମିଶନ୍‌ରେ ସାମିଲ ହୋଇଥିବା ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାର୍ତ୍ତାଳାପ କରିଛନ୍ତି । ଗତ ବୁଧବାର ଦିନ ଯୁକ୍ତରାଷ୍ଟ୍ର ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ଏହି ମିଶନ୍ ଆରମ୍ଭ ହୋଇଛି । ୧୯୮୪ ମସିହାରେ ସୋଭିଏତ୍ ମିଶନ୍‌ରେ ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶକୁ ଯାତ୍ରା କରିବାର ଚାରି ଦଶନ୍ଧି ପରେ କ୍ୟାପ୍ଟେନ୍ ଶୁକ୍ଲା ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବେ ଏଭଳି ମିଶନ୍‌ରେ ସାମିଲ ହୋଇଛନ୍ତି ।

*Cuttack/R*

# ଏସ୍.ଆଇ.ଟି. ବୈଠକ

ଦୁର୍ନୀତିକୁ ରୋକିବରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ସହିତ ସମନ୍ୱୟ, ଦୁର୍ନୀତିଖୋରଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ତଥା ରାଜ୍ୟରେ ବଢ଼ି ଚାଲିଥିବା ଅବାଧ ନିଶା କାରବାର ନିୟନ୍ତ୍ରଣ ଦିଗରେ ମିଳିତ ତଦନ୍ତକାରୀ ଦଳ - ଏସ୍.ଆଇ.ଟି. ଉପାଧ୍ୟକ୍ଷ ଜଷ୍ଟିସ୍ ଅରଜିତ୍ ପଶାୟତ୍ ବରିଷ୍ଠ ଅଧିକାରୀମାନଙ୍କୁ

ପରାମର୍ଶ ଦେଇଛନ୍ତି । ସର୍ବଭାରତୀୟ ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ମାମଲାରେ ଜଡ଼ିତ ହେବା ଏକ ଚିନ୍ତାର ବିଷୟ । ସରକାରୀ ସେବାରେ ଯେପରି ଦୁର୍ନୀତିମୁକ୍ତ ହେବ, ସେଦିଗରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଶେଷ ଧ୍ୟାନ ଦେବାକୁ ଜଷ୍ଟିସ ପଶାୟତ୍ କହିଛନ୍ତି । କଟକଠାରେ ଆଜି ହୋଇଥିବା ଏସ୍.ଆଇ.ଟି. ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ, କ୍ରାଇମ୍ ବ୍ରାଞ୍ଚ୍ ଆଇ.ଜି.ଙ୍କ ସମେତ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ୧୧ଟି ତଦନ୍ତକାରୀ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀଙ୍କ ଯୋଗ ଦେଇଥିଲେ ।

***BBSR/R***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖ ସୋମବାର ଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସକାଳ ସାଢ଼େ ୧୦ଟାରୁ ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଜନଶୁଣାଣି କରାଯିବ । ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଗତକାଲିଠାରୁ ଆରମ୍ଭ ହୋଇଥିବାବେଳେ ସର୍ବାଧିକ ଏକ ହଜାର ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ **ଜନଶୁଣାଣି ଡଟ୍ ଓଡ଼ିଶା ଡଟ୍ ଗଭ୍ ଡଟ୍ ଇନ୍** ଅଥବା **ଜନଶୁଣାଣି ମୋବାଇଲ୍ ଆପ୍** ମାଧ୍ୟମରେ ପଞ୍ଜୀକରଣ

କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ସୂଚନା ଦିଆଯାଇଛି ।

***Baragarh/R***

## ଆଲୋଚନା ଚକ୍ର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବରଗଡ଼ଠାରେ 'ହଳଧର ପୂଜନ ଆର୍ ଦର୍ଶନ' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଛନ୍ତି । ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରାଇବାରେ ଏହି ଆଲୋଚନାଚକ୍ର ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସମ୍ବଲପୁରୀ ଭାଷାର ଲୋକକବି ପଦ୍ମଶ୍ରୀ ହଳଧର ନାଗ୍ ଓ ତାଙ୍କ ସାହିତ୍ୟ କୃତି ସଂକ୍ରାନ୍ତରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଗବେଷକ ଯୋଗ ଦେଇଛନ୍ତି ।

***Koraput/R***

## କୋଟିଆ

କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ଉପରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ରହିଛି । କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଏବଂ ରହିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ରଥଯାତ୍ରା ଅବସରରେ ଗତକାଲି

କୋଟିଆରେ ଜନସାଧାରଣଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଖଣି ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଲଘୁ ଉଦ୍ୟୋଗ ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳର ବିଧାୟକମାନେ ରଥ ଟାଣିଥିଲେ ।

***HS***

## ରବିଧାନ ସଂଗ୍ରହ

ରାଜ୍ୟରେ ରବିଧାନ ପ୍ରକ୍ରିୟା ସଂଗ୍ରହ ଆସନ୍ତା ସୋମବାର ୩୦ ତାରିଖ ଦିନ ଶେଷ ହେବ । ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଧାନ ସଂଗ୍ରହ ପାଇଁ ଆଉ ସମୟସୀମା ବୃଦ୍ଧି କରାଯିବ ନାହିଁ । ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ୪୩ ହଜାର ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ କରାଯାଇଛି । ଗତବର୍ଷ ଏହି ସମୟ ମଧ୍ୟରେ ୧୨ ଲକ୍ଷ ୪୦ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା । ଅସମୟରେ ବର୍ଷା ପାଇଁ କ୍ଷତି ସହୁଥିବା ଚାଷୀଙ୍କୁ ସରକାର ସହାୟତା ଯୋଗାଇଦେବେ ବୋଲି ମନ୍ତ୍ର ଶ୍ରୀ ପାତ୍ର କହିଛନ୍ତି ।

***Boudh/R***

## ସମବାୟ ବର୍ଷ

ବୌଦ୍ଧ ଆଦର୍ଶ କୃଷି ବଜାରଠାରେ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି ।  ବୌଦ୍ଧ ସମବାୟ ସମିତି ସମୂହ ଉପନିବନ୍ଧକ ଏଥିରେ ଯୋଗ ଦେଇ ଜନସେବା କେନ୍ଦ୍ର,

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ବିଭିନ୍ନ ଋଣ ଯୋଜନା ସମ୍ପର୍କରେ ଉପସ୍ଥିତ କୃଷକମାନଙ୍କୁ ଅବଗତ କରାଇଥିଲେ ।

***Malkangiri/R***

## ସାହାଣୀ କପ୍

ମାଲକାନଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ପକ୍ଷରୁ ସାହାଣୀ କପ୍-୨୦୨୫ ଫୁଟ୍‌ବଲ୍ ପାଇଁ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି । ଅଂଶଗ୍ରହଣ କରିଥିବା ଜିଲ୍ଲାର ୯୮ ଜଣ ଖେଳାଳିଙ୍କ ମଧ୍ୟରୁ ୨୨ ଜଣଙ୍କୁ ଚୟନ କରାଯାଇଥିବାବେଳେ ୪ ଜଣଙ୍କୁ ସଂରକ୍ଷିତ ରଖାଯାଇଛି ।

***Met. O.***

## ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ

ବର୍ଷା ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮ଟି ଜିଲ୍ଲାରେ ଅତ୍ୟଧିକ, ୧୭ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୫ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ କେନ୍ଦୁଝର ଜିଲ୍ଲାର ବାଂଶପାଳରେ ସର୍ବାଧିକ ୧୦୬ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ ୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

*****